# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 31 May - 2026

*************************************

## ମୁଖ୍ୟ ସମ୍ବାଦ

- ‘ମନ୍ କୀ ବାତ୍’ର ୧୩୪ତମ ସଂସ୍କରଣରେ ଦେଶବାସୀଙ୍କ ସହ ଭାବବିନିମୟ କଲେ ପ୍ରଧାନମନ୍ତ୍ରୀ

— ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସତର୍କତା ଅବଲମ୍ବନ ପାଇଁ ଜନସାଧାରଣଙ୍କୁ ଦେଲେ ପରାମର୍ଶ

- ଜାତୀୟ ଶିକ୍ଷାନୀତି-୨୦୨୦ରେ ନବସୃଜନ, ଗବେଷଣା ଓ ଡିଜିଟାଲ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି; କହିଲେ ରାଜ୍ୟପାଳ

- ପୁରୀଠାରେ ଛତିଶାନିଯୋଗର ଗୁରୁତ୍ୱପୂର୍ଣ୍ଣ ବୈଠକ ଜାରି

— ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ୩୬ଟି ଚକର ଅଖଡେରା କାର୍ଯ୍ୟ ଶେଷ

- ରାଜ୍ୟରେ ଶସ୍ତା, ସୁଲଭ ଓ ସମାବେଶୀ ଗୃହ ପ୍ରକଳ୍ପର ସମ୍ପ୍ରସାରଣ ଦିଗରେ କାର୍ଯ୍ୟ କରୁଛନ୍ତି ସରକାର

ଏବଂ

- କାଳବୈଶାଖୀର ପ୍ରଭାବରେ ବଜ୍ରପାତ ସହ ବର୍ଷା ନେଇ ୨୬ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ରର ସତର୍କ ସୂଚନା

# ମନ୍ କି ବାତ୍

ଦେଶରେ ବୃଦ୍ଧି ପାଉଥିବା ପ୍ରବଳ ଗରମ ଓ ଗୁଳଗୁଳି ସମୟରେ ସର୍ବାଧିକ ସତର୍କତା ଅବଲମ୍ବନ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି । 'ଆକାଶବାଣୀର ମନ୍ କି ବାତ୍' ୧୩୪ତମ ସଂସ୍କରଣରେ ଆଜି ଦେଶବାସୀଙ୍କୁ ସମ୍ବୋଧନ କରି ଶ୍ରୀ ମୋଦୀ କହିଛନ୍ତି, ଗ୍ରୀଷ୍ମ ପ୍ରକୋପରୁ ରକ୍ଷା ପାଇବା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିଛି।  ପ୍ରବଳ ଖରା ସମୟରେ ଯଥେଷ୍ଟ ପାଣି ପିଇବା ସହିତ ଘରୁ ବାହାରକୁ ଯିବାବେଳେ ସତର୍କତା ଅବଲମ୍ବନ କରିବାକୁ ଶ୍ରୀ ମୋଦୀ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଓଡ଼ିଶାର ବେଲପଣାକୁ ପ୍ରଶଂସା କରି କହିଛନ୍ତି, ପ୍ରବଳ ଗରମ ଅନଭୂତ ସମୟରେ ବେଲପଣା ଭଳି ଥଣ୍ଡା ପାନୀୟ ସ୍ୱାସ୍ଥ୍ୟ ପାଇଁ ହିତକାରକ।

ଗ୍ରୀଷ୍ମ ଋତୁରେ ଆମ୍ବର ଉତ୍ପାଦନ ଏବଂ ଏହାର ଗ୍ରହଣୀୟତା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ପ୍ରତ୍ୟେକ ଅଞ୍ଚଳରୁ ଉତ୍ପାଦିତ ହେଉଥିବା ଆମ୍ବର ସ୍ୱତନ୍ତ୍ର ସ୍ୱାଦ ଓ ସୁଗନ୍ଧ ରହିଛି । ଏହି ଅବସରରେ ସେ ଦେଶର ବିଭିନ୍ନ ପ୍ରାନ୍ତରେ ଉତ୍ପାଦିତ ହେଉଥିବା ଆମ୍ବ ସମ୍ପର୍କରେ ତାଙ୍କ ସମ୍ବୋଧନରେ କହିଛନ୍ତି।

ଆମ୍ବ ଚାଷ ସହିତ ଜଡିତ ଚାଷୀଙ୍କ ଉଦ୍ୟମକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଛନ୍ତି, କୃଷି ଅର୍ଥନୀତିକୁ ଗତିଶୀଳ କରିବାରେ ଏହା ବେଶ୍ ସହାୟକ ହେଉଛି । ଗ୍ରାମାଞ୍ଚଳରୁ ଆମ୍ବ ଏବେ ବିଶ୍ୱ ବଜାରରେ ପହଞ୍ଚିଛି ।

ଝାଡ଼ଖଣ୍ଡର ରାଞ୍ଚିରେ ସମ୍ପ୍ରତି ଅନୁଷ୍ଠିତ ଜାତୀୟ ବରିଷ୍ଠ ଦୌଡ଼କୁଦ ସଂଘ ପକ୍ଷରୁ ଆୟୋଜିତ ପ୍ରତିଯୋଗିତା ସମ୍ପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଏଥିରେ ୮୦୦ଖେଳାଳି ବିଭିନ୍ନ ବର୍ଗରୁ ଅଂଶଗ୍ରହଣ କରିଥିଲେ । ୪ଟି ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିବା ଖେଳାଳିଙ୍କୁ ଶ୍ରୀ ମୋଦୀ ଅଭିନନ୍ଦନ ଜଣାଇଛନ୍ତି । ୧୦୦ମିଟର ଦୌଡ଼ ପ୍ରତିଯୋଗିତାରେ ନୂତନ ରେକର୍ଡ ସ୍ଥାପନ କରିଥିବା ଗୁରିନ୍ଦର ବିର୍ ସିଂହ ଏବଂ ଓଡ଼ିଶାର ଖେଳାଳୀ ଅନିମେଶ କୁଜୁରଙ୍କ ସହ ଶ୍ରୀ ମୋଦୀ କଥାବାର୍ତ୍ତା କରିଛନ୍ତି । କାର୍ଯ୍ୟକ୍ରମ ସମୟରେ ଏହି ଖେଳାଳିମାନେ ପ୍ରଧାନମନ୍ତ୍ରୀଙ୍କ ସହ ସେମାନଙ୍କର ଅଭିଜ୍ଞତା ବର୍ଣ୍ଣନା କରିଥିଲେ ।

ପ୍ରଧାନମନ୍ତ୍ରୀ କହିଛନ୍ତି ଜ୍ୟୋତିର୍ବିଜ୍ଞାନ ସର୍ବଦା ଯୁବବର୍ଗଙ୍କ ପାଇଁ କୌତୁହଳ ସହିତ ଅନୁସନ୍ଧାନ ଦିଗରେ ପ୍ରେରଣା ପ୍ରଦାନ କରୁଛି । ଜ୍ୟୋତିର୍ବିଜ୍ଞାନ କ୍ଲବ ଦେଶବ୍ୟାପୀ କ୍ରମଶଃ ଲୋକପ୍ରିୟ ହେଉଛି । ଯୁବପିଢ଼ୀଙ୍କୁ ଏହି କ୍ଲବରେ ସଂଶ୍ଳିଷ୍ଟ ହେବା ସହ ଅବକାଶ ଦିନଗୁଡ଼ିକରେ ପ୍ଲାନେଟୋରିୟମ ପରିଦର୍ଶନ କରିବାକୁ ଅନୁରୋଧ କରିଛନ୍ତି ।

ବିଭିନ୍ନ କ୍ଷେତ୍ରରେ ପ୍ରଶଂସନୀୟ କାର୍ଯ୍ୟ କରିଥିବା ନାଗରିକଙ୍କ ସମ୍ପର୍କରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଛନ୍ତି । ସମାଜ ପାଇଁ ନିରନ୍ତର କାର୍ଯ୍ୟ କରୁଥିବା ଲୋକଙ୍କଠାରୁ ଶିକ୍ଷାଲାଭ କରି ନିଜେ କିଛି ଭଲ କାର୍ଯ୍ୟର ଅଂଶ ହେବାକୁ ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି ।

# କୁଳପତି ସମ୍ମିଳନୀ

ଭୁବନେଶ୍ୱର ଲୋକଭବନଠାରେ କୁଳପତି ସମ୍ମିଳନୀ ୨୦୨୬କୁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଉଦ୍‌ଘାଟନ କରିଛନ୍ତି। ଜାତୀୟ ଶିକ୍ଷାନୀତି ୨୦୨୦ରେ ଡିଜିଟାଲ ଶିକ୍ଷା, ଦକ୍ଷତା ବୃଦ୍ଧି, ନବସୃଜନ, ଗବେଷଣା ଓ ନବୀନତାକୁ ପ୍ରୋତ୍ସାହନ ଏବଂ କୌଶଳଭିତ୍ତିକ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ରାଜ୍ୟପାଳ କହିଛନ୍ତି। ବିଶ୍ୱବିଦ୍ୟାଳୟ ନିର୍ମାଣ କରୁଥିବା ଦକ୍ଷ ମାନବ ସମ୍ବଳ ଉଭୟ ଦେଶ ଓ ରାଜ୍ୟର ଭବିଷ୍ୟତକୁ ନୂତନ ରୂପରେଖ ପ୍ରଦାନ କରିଥାଏ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି, ଜାତୀୟ ଶିକ୍ଷାନୀତି ଯୁବପିଢ଼ିଙ୍କ ସ୍ୱର୍ଣ୍ଣିମ ଭବିଷ୍ୟତ ଗଠନ ଦିଗରେ ଏକ ମାଇଲଖୁଣ୍ଟ ସଦୃଶ। ଛାତ୍ରଛାତ୍ରୀଙ୍କୁ ସର୍ବୋତ୍ତମ ଓ ଅନ୍ତର୍ଜାତୀୟ ସ୍ତରର ଶିକ୍ଷା ପ୍ରଦାନ ପାଇଁ ଏଥିରେ ପ୍ରୟାସ କରାଯାଇଛି। ଓଡ଼ିଶା ଏକ ସମୃଦ୍ଧ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି କରିବା ସହିତ ସମଗ୍ର ଦେଶରେ ନେତୃତ୍ୱ ନେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଚଳିତ ଆର୍ଥିକବର୍ଷରେ ଶିକ୍ଷା କ୍ଷେତ୍ର ପାଇଁ ସର୍ବାଧିକ ୪୨ ହଜାର ୫୬୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି, ଯାହା ସମୁଦାୟ ବଜେଟ୍‌ର ୧୩ ଦଶମିକ ୭ ପ୍ରତିଶତ ବୋଲି ଶ୍ରୀ ମାଝୀ କହିଛନ୍ତି। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ନିଯୁକ୍ତି ଦକ୍ଷତା ବୃଦ୍ଧି, ଗବେଷଣାମୂଳକ ଅଧ୍ୟୟନ ଓ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଆଗକୁ ନେବାପାଇଁ ବିଭିନ୍ନ ପ୍ରସ୍ତାବ ଉପରେ ମତ ବିନିମୟ ହୋଇଛି। ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତିମାନେ ଏଥିରେ ଉପସ୍ଥିତ ଥିଲେ।

## ଛତିଶା ନିଯୋଗ ବୈଠକ

ଶ୍ରୀମନ୍ଦିର ଛତିଶାନିଯୋଗର ଗୁରୁତ୍ୱପୂର୍ଣ୍ଣ ବୈଠକ ନିଳାଦ୍ରୀ ଭକ୍ତିନିବାସଠାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀଙ୍କ ଅଧ୍ୟକ୍ଷତାରେ ଜାରି ରହିଛି। ବୈଠକରେ ଆଗାମୀ ରାଜେନ୍ଦ୍ରାଭିଷେକ, ସ୍ନାନଯାତ୍ରା, ରଥଯାତ୍ରା, ବାହୁଡ଼ାଯାତ୍ରା ନୀଳାଦ୍ରି ବିଜେ ଓ ଅନ୍ୟ ସମସ୍ତ ନୀତି ନିର୍ଘଣ୍ଟ ଉପରେ ଆଲୋଚନା ଚାଲିଛି। ଜଳଲାଗିପାଇଁ ଗରାବଡୁ ସେବକଙ୍କୁ ପାଲିଆ ପୁରସ୍କାର ପ୍ରଦାନ ଓ ଗୌଡ଼ୀୟ ମଠକୁ ଶ୍ରୀଗୁଣ୍ଡିଚା ମନ୍ଦିର ବାହାରେ ବେଢ଼ା ମାର୍ଜନା ପାଇଁ ଅନୁମତି ଉପରେ ମଧ ଆଲୋଚନା ଜାରି ରହିଛି। ବୈଠକରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଆରକ୍ଷୀ ଅଧୀକ୍ଷକ, ବିଭିନ୍ନ ଅଧିକାରୀ ଏବଂ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ଅଛନ୍ତି।

## ରଥ ଚକ ପ୍ରସ୍ତୁତି

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ରଥଖଳାରେ ରଥନିର୍ମାଣ କାର୍ଯ୍ୟ ଜାରି ରହିଛି। ଅପରାହ୍ଣରେ ୩ ରଥର ସମସ୍ତ ଚକ ଓ ଅଖଗୁଡ଼ିକୁ ଯୋଖାଯାଇଛି। ପରମ୍ପରା ଅନୁସାରେ, ଗତ ଭଉଁରୀ ତିଥିରେ ୩ ରଥର ଦୁଇଯୋଡା ନାହାକା ଚକରେ ଅଖଡେରା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଆଜି ବାକି ଥିବା ସମସ୍ତ ୩୬ଗୋଟି ଚକରେ ମହାରଣା ସେବକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଖଡେରା କାର୍ଯ୍ୟ ଶେଷ ହୋଇଛି। ୩ ରଥର ୭୭ଜଣ ଭୋଇ ସେବକ ଏହି କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଆଗାମୀ ଦିନରେ ମେଣ୍ଢି ଲଗାଯିବା ସହିତ ନିର୍ମାଣ ହୋଇଥିବା ଦଣ୍ଡା ପକାଯିବା କାର୍ଯ୍ୟ କରାଯିବ।

## ଉଷା ପାଢୀ

ରାଜ୍ୟରେ ଶସ୍ତା, ସୁଲଭ ଓ ସମାବେଶୀ ଗୃହ ପ୍ରକଳ୍ପର ବ୍ୟାପକ ସମ୍ପ୍ରସାରଣ କରାଯିବ ବୋଲି ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢୀ କହିଛନ୍ତି। ଭୁବନେଶ୍ୱରଠାରେ ରାଜ୍ୟ ଗୃହ ନିର୍ମାଣ ବିଭାଗ-ଓଏସ୍ଏଚବି'ର ସମୀକ୍ଷା ବୈଠକରେ ଯୋଗଦେଇ ଶ୍ରୀମତୀ ପାଢୀ କହିଛନ୍ତି, ବିଭିନ୍ନ ବୃହତ୍ ଆବାସିକ ପ୍ରକଳ୍ପ କାର୍ଯ୍ୟକୁ ଜିଲ୍ଲା ସଦର ମହକୁମାକୁ ସମ୍ପ୍ରସାରିତ କରାଯିବ। ବୈଠକରେ ବୋର୍ଡର ଅଗ୍ରଗତି ଓ ଆଗାମୀ କାର୍ଯ୍ୟଖସଡା ସମ୍ପର୍କରେ ବିଭାଗର ସ୍ୱତନ୍ତ୍ର ସଚିବ ସୂଚନା ପ୍ରଦାନ କରିଥିଲେ। ବୋର୍ଡ ପକ୍ଷରୁ ଏପର୍ଯ୍ୟନ୍ତ ୨୧ଟି ଜିଲ୍ଲାରେ ୩୨ ହଜାର ୩୪୩ଟି ଗୃହ ଏବଂ ପ୍ଲଟ୍ ବିକାଶ କରାଯାଇଛି। ଆର୍ଥିକ ଅନଗ୍ରସର, ନିମ୍ନ, ମଧ୍ୟମ ଓ ଉଚ୍ଚ ଆୟ ବର୍ଗର ଲୋକଙ୍କ ଏହା ଆବଶ୍ୟକତା ପୂରଣ କରୁଛି। ଚଳିତ ଆର୍ଥିକ ବର୍ଷ ପାଇଁ ପ୍ରାୟ ୬ ହଜାର ୮୭୭ଟି ଆବାସିକ ୟୁନିଟ୍ ନିର୍ମାଣ ପାଇଁ ୪ଟି ପ୍ରମୁଖ ପ୍ରକଳ୍ପ ପ୍ରସ୍ତାବିତ ରହିଛି।

## ଏସ୍ଆଇଆର

ରାଜ୍ୟର ସମସ୍ତ ବିଧାନସଭା କ୍ଷେତ୍ରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ-ଏସ୍.ଆର.ଆର କାର୍ଯ୍ୟକ୍ରମ ଗତକାଲିଠାରୁ ଆରମ୍ଭ ହୋଇଛି।

**ନବରଙ୍ଗପୁର** ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ପୌରପାଳିକାର ବିଭିନ୍ନ ନିର୍ବାଚନ ବୁଥ୍ ଅନ୍ତର୍ଗତ ୱାଡ୍‌ଗୁଡ଼ିକରେ ପରିଗଣନା ଫର୍ମ ବିତରଣ କାର୍ଯ୍ୟର ତଦାରଖ କରିଛନ୍ତି।

**ନୟାଗଡ଼** ଜିଲ୍ଲା ଖଣ୍ଡପଡା ବ୍ଲକ୍ ଶିଖରପୁର ପଂଚାୟତରେ ଏସ୍ଆଇଆର ସମ୍ପର୍କିତ ବୈଠକ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ତ୍ରୁଟିଶୂନ୍ୟ ଓ ମତଦାତା ତାଲିକାରେ ସ୍ୱଚ୍ଛତା ବଜାୟ ରଖିବା ଉପରେ ଅତିରିକ୍ତ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ ।

## ଖବର ସଂକ୍ଷିପ୍ତରେ...

ବିଶ୍ୱପ୍ରସିଦ୍ଧ **ପୁରୀ** ରଥଯାତ୍ରା ପାଇଁ ନୟାଗଡ଼ ବନଖଣ୍ଡରୁ ୧୧ଟି ଶାଳ କାଠଗଣ୍ଡି ପୁରୀ ପଠାଯାଇଛି । ବୈଦିକ ରୀତିନୀତି ଅନୁସାରେ କାଠଖଣ୍ଡଗୁଡ଼ିକର ପୂଜାର୍ଚ୍ଚନା କରାଯାଇଥିଲା ।

**ମାଲକାନଗିରି**ରେ ୧୪ ବର୍ଷରୁ କମ୍ ସିଏମ୍ ଟ୍ରଫି ଜୋନ୍ ସ୍ତରୀୟ ଖୋଖୋ ଚାମ୍ପିଅନ୍ସିପ୍‌ରେ ଭାଗ ନେବାପାଇଁ ଉଭୟ ବାଳକ ଓ ବାଳିକା ବର୍ଗର ୨୭ ଜଣ କ୍ରୀଡାବିତ୍ ଅନୁଗୁଳ ଗସ୍ତ କରିଛନ୍ତି । ଆସନ୍ତା ମଙ୍ଗଳବାରଠାରୁ ଗୁରୁବାର ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ ।

## ଯୋଗଶିକ୍ଷକ ଶିବିର

**ଭଦ୍ରକ** ଜିଲ୍ଲା ବ'ନ୍ତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଯୋଗଶିକ୍ଷକ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପତଞ୍ଜଳି ଯୋଗସମିତିର କର୍ମକର୍ତ୍ତା ଯୋଗଦେଇ ସୁସ୍ଥ ଜୀବନ ପାଇଁ ଯୋଗର ଉପକାରିତା ଏବଂ ଯୋଗ ଶିକ୍ଷାର ବ୍ୟାପକ ପ୍ରଚାର-ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ ।

## ସମନ୍ୱୟ କମିଟି ବୈଠକ

**ଗଞ୍ଜାମ** ଜିଲ୍ଲାକୁ ଅପରାଧମୁକ୍ତ କରିବା ପାଇଁ ପ୍ରଶାସନ ପକ୍ଷରୁ ଏକ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଅପରାଧରେ

ଜଡିତ ଥିବା ବ୍ୟକ୍ତିଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯିବା ନେଇ ଜିଲ୍ଲା ପୁଲିସ୍ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଥିବା ଆରକ୍ଷୀ ଅଧିକ୍ଷକ ହରିଶ୍ ବିଶି କହିଛନ୍ତି। ଗଞ୍ଜାମ ଜିଲ୍ଲାପାଳ ଭି.କିର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନଙ୍କ ସହିତ ପୁଲିସ୍ ବିଭାଗର ବରିଷ୍ଠ ଅଧିକାରୀ ଏବଂ ଗଞ୍ଜାମ ଜିଲ୍ଲା ସମସ୍ତ ଥାନା ଅଧିକାରୀମାନେ ଯୋଗ ଦେଇଥିଲେ। ଅପରାଧୀମାନଙ୍କୁ ଚିହ୍ନଟ କରିବା ଏବଂ ଆବଶ୍ୟକ ପଡିଲେ ଜାତୀୟ ନିରାପତ୍ତା ଆଇନ୍-ନାସା ଆଇନ୍ ଅଧୀନରେ ଗିରଫ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

## ସେବା ସମବାୟ ସମିତି

**ଭଦ୍ରକ** ଜିଲ୍ଲା ଧାମନଗର ବ୍ଲକ୍ ଅନ୍ତର୍ଗତ କରଦା ସେବା ସମବାୟ ସମିତିରେ ଚାଷୀ ଋଣ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ୧୦୮ଟି ସେବା ସମବାୟ ସମିତି ମଧ୍ୟରୁ କରଦା ସମିତିରେ ୬୧ ଲକ୍ଷ ୮୮ ହଜାର ଟଙ୍କା ଲାଭାଂଶ ହୋଇଛି। ୨ ହଜାର ୨୮୯ ଜଣ ଚାଷୀଙ୍କୁ ୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଲାଭାଂଶ ପ୍ରଦାନ କରାଯିବ ବୋଲି ଜଣାପଡିଛି।

# ବିଶ୍ୱ ତମାଖୁ ବର୍ଜନ ଦିବସ

ତମାଖୁ ସେବନ ଏବଂ ସ୍ୱାସ୍ଥ୍ୟପ୍ରତି ଏହାର କୁ-ପ୍ରଭାବ ସମ୍ବନ୍ଧରେ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ କରାଯାଉଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ୧୯୮୮ ମସିହାରୁ ପାଳନ କରାଯାଉଥିବା ଏହି ଦିବସର ଚଳିତ ବର୍ଷର ବାର୍ତ୍ତା ରହିଛି **‘ତମାଖୁର**

**ଭ୍ରମାତ୍ମକ ଉଦ୍ଦେଶ୍ୟକୁ ଉଜାଗର କରିବା– ନିକୋଟିନ୍ ଏବଂ ତମାଖୁ ପରି ବଦଭ୍ୟାସର ମୁକାବିଲା କରିବା'।**

ତଥ୍ୟ ଅନୁସାରେ, ବିଶ୍ୱରେ ତମାଖୁ ସେବନ ଦ୍ୱାରା ପ୍ରତିବର୍ଷ ୮୦ ଲକ୍ଷରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଥାଏ।  ସେଥିମଧ୍ୟରୁ ପରୋକ୍ଷ ଧୂମପାନ ଦ୍ୱାରା ୧୬ ଲକ୍ଷ ଲୋକଙ୍କର ମୃତ୍ୟୁ ହୋଇଥାଏ।

## ତମାଖୁ–ଜିଲ୍ଲା

ରାଜ୍ୟର ବିଭିନ୍ନ ସ୍ଥାନରେ ସରକାରୀ ଓ ବେସରକାରୀ ସଂଗଠନ ପକ୍ଷରୁ 'ବିଶ୍ୱ ତମାଖୁ ବର୍ଜନ ଦିବସ' ପାଳନ କରାଯାଉଛି।

**ବୌଦ୍ଧ** ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆୟୋଜିତ ତମାଖୁ ବର୍ଜନ ସଚେତନତା ସଭାରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବି.କେ.ଆର.ସି ହେମ୍ବ୍ରମ୍ ଯୋଗଦେଇ ତମାଖୁର କୁପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ।

## ରାଜ୍ୟପାଳ

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଆଇପିଏସ୍ ଅଧିକାରୀ ଅନନ୍ୟା ଅଓ୍ୱସ୍ତିଙ୍କୁ ଏଡିସି ଭାବେ ନିଯୁକ୍ତି ଦେଇଛନ୍ତି। ଲୋକଭବନରେ ଏକ ଆନୁଷ୍ଠାନିକ କାର୍ଯ୍ୟକ୍ରମରେ ଅନନ୍ୟା ଅଓ୍ୱସ୍ତିଙ୍କୁ ସ୍ୱାଗତ କରାଯାଇଥିଲା। ଓଡ଼ିଶାର ରାଜ୍ୟପାଳଙ୍କୁ ଏଡିସି ଭାବରେ କାର୍ଯ୍ୟ କରିବାରେ ପ୍ରଥମ ମହିଳା ରୂପେ ତାଙ୍କର ଏହି ନିଯୁକ୍ତି ସାର୍ବଜନୀନ ସେବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ପୂର୍ବରୁ ଅନନ୍ୟା ଅଓ୍ୱସ୍ତି କଟକର ୟୁପିଡିର ଆସିଷ୍ଟାଣ୍ଟ ପୁଲିସ୍ କମିଶନର ଭାବରେ କାର୍ଯ୍ୟରତ ଥିଲେ।

# ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀର ପ୍ରଭାବ ଜାରି ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହେବା ନେଇ ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୨୬ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଆସନ୍ତା ଦୁଇ ତିନି ଦିନ ପର୍ଯ୍ୟନ୍ତ କାଳବୈଶାଖୀର ପ୍ରଭାବ ଲାଗି ରହିବ ଏବଂ ତାପମାତ୍ରା ୩ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି।